**ଯୁବକଙ୍କ ଆତ୍ମହତ୍ୟା**

**ବୈଶିଙ୍ଗା,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତର କୋଠବାଡ଼ି ଗ୍ରାମର ଜଣେ ଯୁବକ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବିଶାମିତ୍ର ମହାନ୍ତଙ୍କ ପୁଅ ପରମେଶ୍ୱର(୩୫)। ପୋଲିସ ତାଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୩) ରୁଜୁ ହୋଇଛି।



## ସଂକ୍ଷେପରେ

### ଦୁର୍ଗମ ଅଞ୍ଚଳରେ ରାସ୍ତା ନିର୍ମାଣ ପାଇଁ ଭୂମିପୂଜା

**ଯୋଡ଼ା, ୧୮।୪ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଧୀନ ଦେଓଝର ପଞ୍ଚାୟତର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା ଓ ପୂର୍ବତନ ସମିତିସଭ୍ୟ ତଥା ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଯୁଧିଷ୍ଠିର ପଲେଇ ଟାଟା କମ୍ପାନୀ ସହାୟତାରେ ଦୁର୍ଗମ ଅଞ୍ଚଳରେ ରାସ୍ତା ନିର୍ମାଣ ଆରମ୍ଭ କରିଛନ୍ତି। ସେମାନେ କାର୍ଯ୍ୟକାଳ ସମୟରେ ଦେଓଝର ପଞ୍ଚାୟତର ମସୁରୀବେଡା ଗ୍ରାମଠାରୁ କୁଲୁଡୁମ ଗ୍ରାମ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ମଙ୍ଗଳବାର ଭୂମିପୂଜା କରାଯାଇଛି। ପୂର୍ବତନ ସରପଞ୍ଚ ମୁଣ୍ଡା, ବ୍ଲକ ବିଜେଡି ଛାତ୍ର ସଭାପତି ପଲେଇ, ଦେଓଝର ସମିତିସଭ୍ୟା ଲକ୍ଷ୍ମୀ ମୁଣ୍ଡା, ୱାର୍ଡମେମ୍ବର କାଦମ୍ବିନୀ ନାଏକ, ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାଏକ, ପୂର୍ବତନ ଉପାଧ୍ୟକ୍ଷ ଯୋଗେନ୍ଦ୍ର ବେହେରା, ସାମାଜିକ କର୍ମୀ ଲକ୍ଷ୍ମଣ ବାରିକ, ଦୁଷ୍ମନ୍ତ ବାରିକ, ଶିବନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ଧାମନଗର,୧୮।୪(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଚନ୍ଦସାହି ଛକରେ ମଙ୍ଗଳବାର ମଧ୍ୟାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ସଠଗାଁ ଗ୍ରାମର ସଂଗ୍ରାମ ପରିଡ଼ା(୨୨)। ଗୁରୁତର ଯୁବକଙ୍କ ପରିଚୟ ମିଳିପାରି ନାହିଁ। ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ସଂଗ୍ରାମ ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଆନନ୍ଦପୁରରୁ ଆସୁଥିବା ବେଳେ ଚନ୍ଦସାହି ଛକଠାରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ବାଉଁଶ ବୁଦାରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ସଂଗ୍ରାମଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ବିଧାୟକ

**ବନ୍ତ,୧୮।୪(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବାଣ୍ଟିଥିଲେ। ୧୯୮ ବିଧବା, ୯୩ ଦିବ୍ୟାଙ୍ଗ ଓ ୭ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ, ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ନିଶାକର ଖୁଣ୍ଟିଆଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ପିଇଓ ଉପସ୍ଥିତ ଥିଲେ।

### ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା

**ପଦ୍ମପୁର, ୧୮।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ସାନଅଗାପୁରଠାରେ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସହ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ୧୦୮ କଳସ ଶୋଭାଯାତ୍ରା, ନଗର ସଂକୀର୍ତ୍ତନ, ହନୁମାନ ଚାଳିଶା ପାଠ, ଭଜନ ସନ୍ଧ୍ୟା ହୋଇଥିଲା। ରବିବାର ବିଗ୍ରହ ପ୍ରତିଷ୍ଠା ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ରାଜେନ୍ଦ୍ର ନାରାୟଣ ନାୟକ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ସାମାଜିକ କର୍ମୀ ଅଶୋକ ନାୟକ, ପ୍ରମୋଦ କୁମାର ବଳ, ଜ୍ୟୋତିର୍ମୟୀ ନାୟକ, ଜୟକୃଷ୍ଣ ବଳ, ଜୟନ୍ତ କୁମାର ନାୟକ, ସମ୍ବିତ ବଳ, ଜୀବନ ସାହୁ, ସୁକାନ୍ତ କୁମାର ବଳ, ସୁନୀଲ ବଳ, ଚିତ୍ତରଞ୍ଜନ ବଳ ପ୍ରମୁଖ ସହଯୋଗ କରିଥିଲେ।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଖଇରା, ୧୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ତୁଟୋ ଗ୍ରାମର ପକ୍କାମିସ୍ତ୍ରୀ ଭାବେ ପରିଚିତ ପ୍ରଫୁଲ୍ଲ କୁମାର ଜେନା ମଙ୍ଗଳବାର କାମ କରୁଥିବା ବେଳେ ଅଚେତ ହୋଇପଡିଥିଲେ। ନିକଟସ୍ଥ ତୁଡିଗଡିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ସୁସ୍ଥ ହୋଇ ଫେରିବା ରାସ୍ତାରେ ପୁଣି ଗୁରୁତର ହୋଇପଡିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ସେ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି।

# ପ୍ରକଳ୍ପ ଅଧାପନ୍ତରିଆ, ମାଡ଼ିଲାଣି ଗଛଲତା

**ବାରିକପୁର, ୧୮।୪(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ସରିଫପୁର ଗ୍ରାମରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ବେଳେ ଅର୍ଦ୍ଧନିର୍ମିତ ପ୍ରକଳ୍ପରେ ଗଛଲତା ମାଡ଼ି ଯାଇଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳା ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଲୋକେ ପାନୀୟ ଜଳ ପାଇପାରୁ ନାହାନ୍ତି।

ପ୍ରକାଶ ଯେ, ଗ୍ରାମ୍ୟ ଜଳ ଯୋଜନାରେ ସରିଫପୁର ଓ କରଞ୍ଜି ଏହି ଦୁଇ ଗ୍ରାମର ୪୦୦ ପରିବାରକୁ ପାନୀୟ ଜଳ ଯୋଗାଣ ପାଇଁ ୭୦ଲକ୍ଷ ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇ ୩ ବର୍ଷ ତଳେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଥର ଗତିରେ କାମ ଚାଲିଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ପ୍ରକଳ୍ପ କାର୍ଯ୍ୟ ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। ୮ ମାସରୁ ଊର୍ଦ୍ଧ୍ୱ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ବେଳେ ପ୍ରକଳ୍ପ ଅନାବନା ଗଛଲତାରେ ପୂର୍ଣ୍ଣ ହୋଇଗଲାଣି। ସେହିପରି କେତେକ ସ୍ଥାନରେ ପାଇପ୍ ବିଛାଇବା ପାଇଁ ଖୋଳାଯାଇ ମୁକୁଳା ଛଡ଼ାଯାଇଥିବାରୁ ବିପଦ ସାଜିଛି। ଛୋଟ ପିଲା ଓ ଗୃହପାଳିତ ପ୍ରାଣୀ ଏହି ଖାଲରେ ପଡ଼ି ଅଘଟଣ ଘଟିବାର ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ। କେତେକ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିବା ବେଳେ ପାଇପ୍ ବିଛା ସରିଛି। ଏବେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ଓ ଜିଲା ପ୍ରଶାସନ ଗୁରୁତ୍ୱ ଦେଉଛନ୍ତି। ହେଲେ ଏଠାରେ ପ୍ରକଳ୍ପ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ନିର୍ମାଣ ସ୍ଥଳରେ ଫଳକ ନ ଥିବାରୁ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବାସନ୍ତୀଲତା ଦାଶ କହିଛନ୍ତି, ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଏକାଧିକବାର ଲିଖିତ ଭାବେ ଜଣାଯାଇଛି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଭାଗୀରଥି ଦାଶଙ୍କୁ ପଚାରିବାରୁ ଠିକାଦାର ଅଧାରୁ କାର୍ଯ୍ୟ ବନ୍ଦ କରିଥିବାରୁ ପୁନଃ ଟେଣ୍ଡର ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।



ସରିଫପୁର ଗ୍ରାମରେ ନିର୍ମାଣାଧୀନ ପ୍ରକଳ୍ପରେ ଗଛଲତା ମାଡ଼ିଯାଇଛି।

## ଜଳ ଯୋଗାଣ, ପଟ୍ଟା, ଭତ୍ତା ନେଇ ଜନଶୁଣାଣି



ଜନଶୁଣାଣି ଶିବିରରେ ଉପଜିଲାପାଳ ଅନିଲ କୁମାର ସେଠୀ ଓ ଅନ୍ୟମାନେ।

**କୋଡ଼ପଡ଼ା, ୧୮।୪ (ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ୩ ନଂ. ୱାର୍ଡର ଡାହାଣିବଣିଆ ସାହିର କମ୍ୟୁନିଟି ସେଣ୍ଟରରେ ଜଳ ଯୋଗାଣ, ପଟ୍ଟା ଓ ଭତ୍ତା ନେଇ ଉପଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାଉନସିଲର ରଶ୍ମିତା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠୀ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ରାଉତଙ୍କ ସହ ଜଳଯୋଗାଣ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ୱାର୍ଡର ପାନୀୟଜଳ, ଭୂମିହୀନ ପଟ୍ଟା ଓ ଭତ୍ତା ସମସ୍ୟା ନେଇ ଅଭିଯୋଗର ଶୁଣାଣି କରି ସମାଧାନ କରାଯାଇଛି। ଏସ୍‌ଡିଏ ସଦସ୍ୟ କନକଲତା ଦାଶ, ବାସନ୍ତୀ ଖୁଣ୍ଟିଆ, ଭାରତୀ ନାୟକ, ସବିତା ନାୟକ, ଅଞ୍ଜଳି ନାୟକ, ପଦ୍ମିନୀ ନାୟକଙ୍କ ସହ ୱାର୍ଡର ବହୁ ମହିଳା ଉପସ୍ଥିତ ଥିଲେ।

## ‘ମହାପୁରୁଷଙ୍କ ଅମରବାଣୀ ଶିକ୍ଷାର ଆଲୋକବର୍ତ୍ତିକା’




ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବରେ ଅତିଥିମାନେ।

**ତିହିଡ଼ି,୧୮।୪(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୯ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ଷେଣ୍ଢ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ଅନ୍ୟତମ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ ଓ ସାମାଜିକ କର୍ମୀ ବିଜୟ ରାଉତ ଯୋଗଦେଇ ମହାପୁରୁଷଙ୍କ ଅମରବାଣୀ ଶିକ୍ଷାର ଆଲୋକବର୍ତ୍ତିକା ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଆଇନଜୀବୀ ସଞ୍ଜୟ ମହାନ୍ତି ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ନରେନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ‘ବିଚିତ୍ରା’ ଅନୁଷ୍ଠିତ ହୋଇଥିଲା।

## ନାବାଳିକା ଗର୍ଭବତୀ, ଯୁବକ ଗିରଫ

**ପାଟଣା,୧୮।୪ (ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଗିରଫ ଯୁବକ ହେଲେ ପାଟଣା ବ୍ଲକ ଅଧୀନ ବଡ଼ ଧନୁର୍ଜୟପୁର ଗ୍ରାମର ବାପୁନ ମହାନ୍ତ। ଅଭିଯୋଗ ଅନୁଯାୟୀ, ବାପୁନ ୬ମାସ ପୂର୍ବରୁ ଉକ୍ତ ନାବାଳିକାଙ୍କୁ ଭଲପାଇବା ସହ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକ ଗର୍ଭବତୀ ଥିବା ଜଣାପଡ଼ିବା ପରେ ତାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ମଙ୍ଗଳବାର ଉଭୟଙ୍କ ଡାକ୍ତରୀମାଇନା କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୬୬/୨୩) ରୁଜୁ ହୋଇଛି।

## ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

**ଖଇରା, ୧୮।୪(ଡି.ଏନ.ଏ.)**

### ସରିଲା ନୂଆସାହି ବିଷୁବସଂକ୍ରାନ୍ତି ମହୋତ୍ସବ

ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା–ଗଣ୍ଡିବେଡ ପଞ୍ଚାୟତ ଅଧୀନ ନୂଆସାହି ଘଟବାସୁଳୀ ପୀଠରେ ଚାଲିଥିବା ନୂଆସାହି ବିଷୁବ ସଂକ୍ରାନ୍ତି ମହୋତ୍ସବ ସୋମବାର ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ବଲିଉଡ କଳାକାର ଜିନା ଓ ରୁଦ୍ରଙ୍କ ସଂଳାପ ସାଙ୍ଗକୁ ନନସେନ୍ସ ମଣିଙ୍କ କମେଡି ଦର୍ଶକଙ୍କ ମୁହଁରେ ହସ ଖେଳାଇ ଦେଇଥିଲା। ସେହିଭଳି ପ୍ରସିଦ୍ଧ ଗାୟକ ଏସ୍. ଜିତୁ ଓ ଗାୟିକା ସ୍ୱର୍ଣ୍ଣଲକ୍ଷ୍ମୀଙ୍କ ସଙ୍ଗୀତର ଝଲକରେ ଉପସ୍ଥିତ ଦର୍ଶକ ମତୁଆଲା ହୋଇଉଠିଥିଲେ। ଏହି ଅବସରରେ ସଞ୍ଜୟ ମାହୁନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ରାଜ୍ୟ ସଂସ୍କୃତି ମାନବ ସମ୍ବଳ ବିକାଶର ସମ୍ପାଦକ ଶଶିକୁମାର ସାହୁ ମୁଖ୍ୟଅତିଥି, ସୋର ପ୍ରେସ କ୍ଲବ ସଭାପତି ଗୌରୀଶଙ୍କର ଘଡେଇ, ୩ନଂ. ଜୋନର ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ଡୁଙ୍ଗୁରା ସମିତିସଭ୍ୟ ପ୍ରତିନିଧି ଶିଶିର କୁମାର ସାମଲ, ପଳସା ସରପଞ୍ଚ ମନୋରଞ୍ଜନ ସାହୁ, କଇଥଗଡିଆ ସମିତିସଭ୍ୟ ନରୋତ୍ତମ ମହିମା ଜେନା, ପ୍ରାକ୍ତନ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ, ଯୁବନେତା ବୀରେନ୍ଦ୍ର ବେହେରା, ପଳସା ସମିତି ବୋର୍ଡ ସଭାପତି ହେମନ୍ତ କୁମାର ପୃଷ୍ଟି, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ନେତାଜୀ ଓ ଲାୟନ୍ସ କ୍ଲବର ସମସ୍ତ ସଦସ୍ୟ ୨ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ମାଇକ୍ରୋବାୟୋଲୋଜି ସମ୍ବନ୍ଧିତ ବକ୍ତୃତା

**ବାରିପଦା ଅଫିସ,୧୮।୪**

**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ ଓ ରିସର୍ଚ୍ଚ କ୍ଲବର ମିଳିତ ଆନୁକୂଲ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ମଙ୍ଗଳବାର ବିଶ୍ୱବିଦ୍ୟାଳୟର ସମ୍ମେଳନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱରେ ଥିବା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର ଗବେଷଣା ପରିବେଶକୁ ଉଜ୍ଜୀବିତ କରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପଶ୍ଚିମବଙ୍ଗର ରାଇଗଞ୍ଜ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ସହଯୋଗୀ ପ୍ରଫେସର ତଥା ବିଜନେସ୍ ଇନକ୍ୟୁବେସନ ଏବଂ ଇନୋଭେସନ ସେଣ୍ଟରର ନିର୍ଦ୍ଦେଶକ ଡ. ପି. କେ. ଦାସମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ‘ଧାରଣକ୍ଷମ କୃଷି ନିମନ୍ତେ ଫ୍ଲୋରସେଣ୍ଟ ସିଉଡୋମାନାଡସ ଓ ଷ୍ଟ୍ରିଗୋଲାକ୍ଟୋନର ଭୂମିକା ଏବଂ ଜୈବ ପ୍ରଯୁକ୍ତି ଶିଳ୍ପରେ ମାଇକ୍ରୋବସ୍‌ର ପରିସର’ ଶୀର୍ଷକ ବକ୍ତୃତା ପ୍ରଦାନ କରିଥିଲେ। ରିସର୍ଚ୍ଚ କ୍ଲବର ମୁଖ୍ୟ ତଥା ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏଭଳି ବକ୍ତୃତା ଆୟୋଜନ ବିଶ୍ୱବିଦ୍ୟାଳୟରେ ଉଦ୍ଭାବନର ଇକୋସିଷ୍ଟମ ସୃଷ୍ଟି କରିବାରେ ସହାୟକ ହେବ ବୋଲି ମତ ରଖିଥିଲେ। ବିଶ୍ୱବିଦ୍ୟାଳୟରେ ଚାଲିଥିବା ବିଶ୍ୱବ୍ୟାଙ୍କ ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ହୃଦୟନାଥ ଥାଟୋଇ ଏଭଳି ବକ୍ତୃତା ମାଇକ୍ରୋବାୟୋଲୋଜି ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ବନ୍ୟଜୀବନ ଓ ଜୈବବିବିଧତା ସଂରକ୍ଷଣ ବିଭାଗ ଏବଂ ଜୈବ ପ୍ରଯୁକ୍ତି ବିଭାଗର ଛାତ୍ରୀଛାତ୍ର ଏବଂ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଜଳଛତ୍ର

**ଭୋଗରାଇ, ୧୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇର ବିଭିନ୍ନ ପଞ୍ଚାୟତ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇ ତୃଷାର୍ତ୍ତଙ୍କୁ ପାଣି ଯୋଗାଇ ଦିଆଯାଉଛି। ଚୌକି ବସ୍‌ଷ୍ଟାଣ୍ଡରେ ଦୂରଦୂରାନ୍ତକୁ ଯାଉଥିବା ଓ ଆସୁଥିବା ତୃଷାର୍ତ୍ତ ଯାତ୍ରୀଙ୍କୁ କଲ୍ୟାଣକାରୀ ଗିରିଗୋବର୍ଦ୍ଧନ ଶିଶୁ ସଂଘ ପକ୍ଷରୁ ୮ଦିନ ଧରି ଜଳଦାନ କାର୍ଯ୍ୟ ଅଦ୍ୟାବଧି ଚାଲୁ ରହିଛି। ଏହି ସଂଘ ସଭାପତି ସନ୍ତୋଷ କୁମାର ପାତ୍ର, ସହ ସମ୍ପାଦକ ବିଜୟ କୁମାର ପାତ୍ର, ପ୍ରଦୀପ କୁମାର ବାରିକ, କିଶୋର ଆଧେକ, ପ୍ରଦୀପ ଆଧେକ, କୁଞ୍ଜବିହାରୀ ଆଧେକ ପ୍ରମୁଖ ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଟୋଇଙ୍କୁ ଘୋଳ ଦହି, ଗ୍ଲୁକୋଜ ପାଣି ଓ ଜଳଦାନ କରି ତୃଷାର୍ତ୍ତଙ୍କୁ ତୃଷା ମେଣ୍ଟାଇ ସାମାଜିକ ଦାୟିତ୍ୱ ତୁଲାଉଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ସେହିପରି ଭୋଗରାଇ ଥାନା ପକ୍ଷରୁ ଥାନା ସମ୍ମୁଖରେ ଅନୁରୂପ ଭାବେ ଘୋଳ ଦହି ଓ ବିଶୁଦ୍ଧ ଜଳଦାନ କରି ବାଟୋଇଙ୍କୁ ତୃଷ୍ଣା ମେଣ୍ଟାଯାଉଛି।

## ଛତୁଆ ତିଆରି ମେଶିନ ଉଦ୍‌ଘାଟିତ

**ଧାମନଗର, ୧୮।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ପଞ୍ଚାୟତ ନରସିଂହପୁରସ୍ଥିତ ବାବା ଗଣେଶ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ଘରୋଇ ସାମଗ୍ରୀ ଯଥା ଛତୁଆ, ମୁଢ଼ି, ଲଙ୍କା, ହଳଦୀ, ବିରି ବାଟିବା ଓ ଧୂପ ତିଆରି ମେଶିନକୁ ମଙ୍ଗଳବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଉଦ୍‌ଘାଟନ କରିଛନ୍ତି। ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହୋଇ ପରିବାର ପ୍ରତିପୋଷଣ କରିପାରିବେ, ସେଥିନେଇ ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସହାୟତା ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ବିପିଏମ୍ ପୀତବାସ ବିଶ୍ୱାଳ, ବିଏଲ୍‌ସି ସସ୍ମିତା ରାଉଳ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ଏମ୍‌ବିକେ କଳ୍ପନା ଦାସ, ମୀନାରାଣୀ ଦାସ, ରୀନାରାଣୀ ବେହେରା, ଅସୀମା ବେହେରା, ସଂଘମିତ୍ରା ବାରିକ, ମହେଶ୍ୱେତା ପତ୍ରୀ, କୁମୁଦିନୀ ବାରିକ, ପ୍ରଗତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀର ସଭାନେତ୍ରୀ କଳ୍ପନା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

**ହାତୀଛୁଆ ମୃତ୍ୟୁ ଘଟଣା**

## ନମୁନା ସଂଗ୍ରହ କଲା ବନବିଭାଗ

**ମୋରଡା,୧୮।୪(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ତଥା ବେତନଟୀ ରେଞ୍ଜ ଜୁଆଳିଭଙ୍ଗା ପଞ୍ଚାୟତର ଭଦ୍ରାଶୋଳର ଅସନବଣି ଜଙ୍ଗଲରୁ ହାତୀଛୁଆର ଗଳିତ ମୃତଦେହ ଜବତ ପରେ ବନ ବିଭାଗ ତଦନ୍ତ ଜାରି ରଖିଛି। ମଙ୍ଗଳବାର ମୃତ ହାତୀର ନମୁନା ସଂଗ୍ରହ କରିଛି। ଡିଏଫ୍‌ଓ ସନ୍ତୋଷ କୁମାର ଯୋଶୀ, ରେଞ୍ଜର ଘନଶ୍ୟାମ ସିଂ,ଫରେଷ୍ଟର ଶୋଭାକର ସିଂ, ମୋରଡ଼ା ଭିଏଏସ୍ ଅରବିନ୍ଦ ଜେନା,ବନବିଭାଗ ଭିଏଏସ ପିୟୁଷ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ନମୁନା ସଂଗ୍ରହ ପରେ ଗଳିତ ଶବକୁ ପୋତି ଦିଆଯାଇଥିବା ରେଞ୍ଜର ସିଂ ସୂଚନା ଦେଇଛନ୍ତି।

## ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ

**ରୂପସା,୧୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଳା ଥାନା ଅଧୀନ ସାହାଡ଼ା ସେବା ସମବାୟ ସମିତି ପକ୍ଷରୁ ଦୁର୍ଘଟଣାରେ ମୃତ ଚାଷୀ ଜୟଚନ୍ଦ୍ର ଦାସଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ବୀମାରାଶି ଚେକ୍ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ, ବସ୍ତା ଶାଖା ପରିଚାଳକ ସସ୍ମିତା ଦାସ, ସମିତି ସଭାପତି ଅଞ୍ଜନ ଦଣ୍ଡପାଟ, ବ୍ୟାଙ୍କ ଅଧିକାରୀ ପ୍ରଣବ କୁମାର ସିଂ ପ୍ରମୁଖ ଯୋଗଦେଇ ମୃତକଙ୍କ ସ୍ତ୍ରୀ ପାର୍ବତୀ ଦାସଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ। ସ୍ୱର୍ଗତ ଜୟଚନ୍ଦ୍ର ଦାସଙ୍କର ଗତ ୨୦୧୮ ମାର୍ଚ୍ଚ ୩୦ତାରିଖରେ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିଲା। ଏହିଚେକ୍‌ପ୍ରଦାନ ବେଳେ ବିଶିଷ୍ଟ ବ୍ୟକ୍ତି ବଂଶୀଧର ମିଶ୍ର, ଜଗବନ୍ଧୁ କର, ଭାସ୍କର ଗୋଚ୍ଛାୟତ, ରମେଶ ଚନ୍ଦ୍ର ଦାସ, ଶ୍ରୀକାନ୍ତ ପାତ୍ର, ମଧୁସୂଦନ ଶତପଥୀଙ୍କ ସମେତ ବୋର୍ଡ଼ ଡାଇରେକ୍ଟର ଓ ଚାଷୀ କମିଟି ସଦସ୍ୟ ଉପସ୍ଥିତ ଥିଲେ। ସମିତି ଉପସଭାପତି ଜଳଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସମିତି କର୍ମଚାରୀ ପାର୍ଥରଞ୍ଜନ ଜେନା, ରଘୁନାଥ ଗିରି, ଉତ୍ତମ ସେନାପତି ଓ ଅବନୀ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।



ମୃତ ଚାଷୀଙ୍କ ସ୍ତ୍ରୀଙ୍କୁ ବୀମା ରାଶି ଚେକ୍ ପ୍ରଦାନ କରାଯାଉଛି।

# ସବୁ ବୁଥ୍‌ରେ ପ୍ରଦର୍ଶନ ହେବ ୧୦୦ତମ ‘ମନ୍ କୀ ବାତ୍’

### ଜିଲା ଭାଜପାର ପ୍ରସ୍ତୁତି ଆରମ୍ଭ

**ବାଲେଶ୍ୱର ଅଫିସ, ୧୮।୪**

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ଭୋଇସାହିସ୍ଥିତ ଏକ ଘରୋଇ ସ୍କୁଲ ପରିସରରେ ପ୍ରଧାନମନ୍ତ୍ରୀଙ୍କ ୧୦୦ତମ ‘ମନ କି ବାତ୍’ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଉପସଭାପତି ତଥା ‘ମନ କି ବାତ୍’ର ଜିଲା ସଂଯୋଜକ କମଳଲୋଚନ ଦାସ ଅଧ୍ୟକ୍ଷତା କରି ଆସନ୍ତା ଏପ୍ରିଲ ୩୦ ତାରିଖରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ମନ କୀ ବାତ୍’ କାର୍ଯ୍ୟକ୍ରମକୁ ବ୍ୟାପକ ରୂପେ ଜିଲାର ସମସ୍ତ ବୁଥ୍‌ରେ ପ୍ରଦର୍ଶିତ କରାଯିବା ନେଇ କହିଥିଲେ।

ବୈଠକରେ ରାଜ୍ୟରୁ ପ୍ରେରିତ ‘ମନ କି ବାତ୍’ ବାଲେଶ୍ୱର ଲୋକସଭା କ୍ଷେତ୍ର ପ୍ରଭାରୀ ମନସ୍ୱିତା ଖୁଣ୍ଟିଆ, ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଯୋଗଦେଇ ପ୍ରତି ମଣ୍ଡଳ ଓ ଶକ୍ତିକେନ୍ଦ୍ରରେ ‘ମନ୍ କି ବାତ୍’ କାର୍ଯ୍ୟକ୍ରମର ୧୦୦ତମ ସଂସ୍କରଣକୁ ପ୍ରଭାବୀ ଢଙ୍ଗରେ କରିବା ପାଇଁ ସମସ୍ତ ନେତା, କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସୁଷମା ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଉପସଭାପତି କରୁଣାକର ପଣ୍ଡା, ଭୋଗରାଇ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ସୋର ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ସମ୍ପାଦକ ବିଭୂପଦ ଦାସ, ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ମମତା ମହାପାତ୍ର, ଜିଲା ସମ୍ପାଦିକା ସସ୍ମିତା ଚାନ୍ଦ, ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ‘ମନ୍ କି ବାତ୍’ ସଂଯୋଜକ ଓ ପଦାଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲା ଭାଜପା କର୍ମକର୍ତ୍ତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୯ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ଗାଁରେ ପହଞ୍ଚିଲା ମୃତଦେହ
### କମ୍ପାନୀରେ ପୋଡ଼ିଯାଇ ଶ୍ରମିକ ମୃତ୍ୟୁ ଘଟଣା

ଭଦ୍ରକ ଅଫିସ,୧୮।୪: ଭଦ୍ରକ ରାନ୍ଦିଆସ୍ଥିତ ଫେକର କମ୍ପାନୀରେ ଫର୍ନେସ ଚାର୍ଜିଂ ବେଳେ ପୋଡ଼ିଯାଇ ଗୁରୁତର ଥିବା ଶ୍ରମିକ ରତିକାନ୍ତ ସୂତାରଙ୍କ ମୁମ୍ବାଇସ୍ଥିତ ନ୍ୟାଶନାଲ ବର୍ନ ସେଣ୍ଟରରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ମଙ୍ଗଳବାର ତାଙ୍କ ମୃତଦେହ ଗାଁ କୋରଣ୍ଟରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତଦେହ ରାନ୍ଦିଆଠାରେ ପହଞ୍ଚିବା ପରେ ତାରିଣୀ ମନ୍ଦିର ନିକଟରୁ ପୋଲିସର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶୋଭାଯାତ୍ରାରେ କୋରଣ୍ଟକୁ ନିଆଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏସ୍‌ଡିପିଓ ସୌରଭ ଓତା ଏବଂ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ ରହିବା ସହ ଶୋଭାଯାତ୍ରା ଉପରେ ନଜର ରଖାଯାଇଥିଲା।

### ଜଳଛତ୍ର ଉଦ୍‌ଘାଟିତ

ଧାମନଗର, ୧୮।୪ (ସ୍ୱ.ପ୍ର.): ଭଦ୍ରକ ଜିଲା ଧାମନଗର ବ୍ଲକର ଭଗବାନପୁର ପଞ୍ଚାୟତ ପକ୍ଷରୁ ଓଡ଼ିଆ ନବବର୍ଷ ଅବସରରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ପଣା ସର୍ବତ ଓ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା। ଭଗବାନପୁର ମୁଖ୍ୟ ବଜାରଠାରେ ଖୋଲା ଯାଇଥିବା ଜଳଛତ୍ର ସେବାକେନ୍ଦ୍ରକୁ ସରପଞ୍ଚ କାଞ୍ଚନ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ୱାର୍ଡ ସଭ୍ୟାସଭ୍ୟ, ଆଶାକର୍ମୀ, ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ସହଯୋଗ କରିଥିଲେ। ଦିଲୀପ କୁମାର ଦାଶ, ବାଇଧର ସାହୁ, ସନ୍ତୋଷ କୁମାର ମହାପାତ୍ର, ତନୁ ସାହୁ, ରାଜେଶ ପାତ୍ର, ଅନିରୁଦ୍ଧ ବେହେରା, ଅଶୋକ ଜେନା, କପିଳେନ୍ଦ୍ର ବଳ, ବିଶ୍ୱନାଥ ସାହୁ, ସୁଶାନ୍ତ ଶଙ୍ଖୁଆ, ଦୁର୍ଯ୍ୟୋଧନ ଲେଙ୍କା, ଅନାଦି ଲେଙ୍କା, ବିମ୍ବାଧର ପାତ୍ର, ସୁରେନ୍ଦ୍ର ନନ୍ଦୀ, କାଳନ୍ଦୀ ଜେନା, ଗଦାଧର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

### ବିଇଡି, ଏମ୍‌ଇଡି ମାର୍କଶିଟକୁ ନେଇ ଦ୍ୱନ୍ଦ୍ୱରେ ଛାତ୍ରୀଛାତ୍ର


ଧାରଣାରେ ବସିଥିବା ଛାତ୍ରୀଛାତ୍ର।

ବାରିପଦା ଅଫିସ,୧୮।୪

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟର ସମ୍ମିଳିତ ବିଇଡି ଏବଂ ଏମ୍‌ଇଡି ପାଠ୍ୟକ୍ରମ ମାର୍କଶିଟକୁ ନେଇ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନେ ମଙ୍ଗଳବାର ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନକୁ ବନ୍ଦ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ ସହଦେବ ସମାଧିଆ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ପରୀକ୍ଷା ନିୟନ୍ତ୍ରକ ଡ.ଲକ୍ଷ୍ମୀଧର ଗିରି ଓ ବିତ୍ତ ନିୟନ୍ତ୍ରକ ଶୁକଦେବ ତରାଇ ଧାରଣାସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ ଏନ୍‌ସିଟିଇ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ସାମୟିକ ଭାବରେ ପ୍ରତ୍ୟାହାର କରିଥିଲେ।

ସୂଚନାଯୋଗ୍ୟ, ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଗତ ୬ ତାରିଖ ଦିନ ସେମାନଙ୍କ ମାର୍କସିଟକୁ ନେଇ ୨୦୧୯ରୁ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ଗିରିଙ୍କୁ ଦେବା ସହ ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନର ଚେତାବନୀ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦାବି ମୁତାବକ ସେମାନଙ୍କୁ ଏବେ ପ୍ରଚଳିତ ନିୟମ ଅନୁସାରେ ଗୋଟିଏ ମାର୍କସିଟରେ ଏକା ସହ ବିଇଡି ଏବଂ ଏମଇଡି ମାର୍କ ମିଳିବାର ବନ୍ଦୋବସ୍ତ ରହିଛି। ଯାହା ଫଳରେ ଛାତ୍ରୀଛାତ୍ରମାନେ ପରବର୍ତ୍ତୀ ସମୟରେ କୌଣସି ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଏଥି ମଧ୍ୟରୁ କୌଣସି ଗୋଟିଏ ମାର୍କ ମଗାଗଲେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଉକ୍ତ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହୋଇଥିବା ଓ ହେବାକୁ ଥିବା ଛାତ୍ରୀଛାତ୍ର ଦୀର୍ଘ ଦିନ ହେବ ଏହି ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ପାରି ନ ଥିବାରୁ ଶେଷରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ବିଭାଗୀୟ ଛାତ୍ର ଅଭିଷେକ ପଣ୍ଡା ଓ ଶୁଭଜିତ ପାଣିଙ୍କ ନେତୃତ୍ୱରେ ମାନସ କୁମାର ଗୋଚ୍ଛାୟତ, ଆକାଶ ମହାରଣା, ସ୍ନେହଲତା ଶଙ୍ଖୁଆ, ଅରୋଲିତା ସାହୁ, ସୁମନ ସଙ୍ଗୀତା ଜେନା, ସ୍ମାରକୀ ପଣ୍ଡା, କାବ୍ୟଶ୍ରୀ ନନ୍ଦ, ସତିସୂତା ମହାପାତ୍ର, ଆରତୀ ନାୟକ, ବର୍ଷା ସେଠୀ, ନବଜ୍ୟୋତି ଶାଶ୍ୱତ ମହାନ୍ତ, ଗୁରୁପ୍ରସାଦ ସାହୁ, ସବ୍ୟସାଚୀ ପାଣିଗ୍ରାହୀ ଓ ବିଶାଖା ରଥ ପ୍ରମୁଖଙ୍କ ସହ ବିଭାଗର ଶତାଧିକ ଛାତ୍ରଛାତ୍ରୀ ସାମିଲ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ ଲାଲମୋହନ


@ ଚନ୍ଦନ


@ ରଘୁରାମ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# 'ସଂସ୍କୃତିସମ୍ପନ୍ନ ରାଷ୍ଟ୍ର ଭାରତର ରହିଛି ସ୍ୱତନ୍ତ୍ର ପରିଚିତି'

### ଏଫଏମ୍ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ

ବାଲେଶ୍ୱର ଅଫିସ, ୧୮।୪



ଆଲୋଚନା ଚକ୍ରରେ ଅତିଥିଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମାନବ ସଭ୍ୟତା ଓ ଇତିହାସ ସମ୍ବନ୍ଧିତ ପ୍ରତ୍ୟେକ ବିଷୟ ତଥା କଳା, ଭାସ୍କର୍ଯ୍ୟ ସବୁକାଳରେ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ବହନ କରିଥାଏ, ତେଣୁ ଏଗୁଡ଼ିକର ସଂରକ୍ଷଣ ଆବଶ୍ୟକ ହୋଇଥାଏ ବୋଲି ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସଂଯୋଜକ ଡ. ସଞ୍ଜୀବ କୁମାର ମାଝି ମତ ଦେଇଥିଲେ।

ଇତିହାସ ପ୍ରଫେସର ଡ. ଭାଗବତ ତ୍ରିପାଠୀ ଭିତ୍ତିପ୍ରବକ୍ତା ଭାବେ ଯୋଗଦେଇ ଐତିହ୍ୟ ଓ ସଂସ୍କୃତିସମ୍ପନ୍ନ ରାଷ୍ଟ୍ର ଭାବେ ଭାରତବର୍ଷ ବିଶ୍ୱରେ ଏକ ଉଲ୍ଲେଖନୀୟ ସ୍ଥାନ ଅଧିକାର କରିଛି ବୋଲି ସୂଚନା ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର୍ ମୁନେଶ୍ ଚନ୍ଦ୍ର ଅଧିକାରୀ ଉପସ୍ଥିତ ରହି ଏହି ବିଶ୍ୱ ଐତିହ୍ୟ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ତଥ୍ୟଭିତ୍ତିକ ମତବ୍ୟକ୍ତ କରି ଇତିହାସ, କଳା ଓ ଭାସ୍କର୍ଯ୍ୟ କଥା କହେ ବୋଲି ପ୍ରକାଶ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏହାର ମୂଲ୍ୟାତ୍ମକ ଦିଗ ବିତିଯାଇଥିବା ସମୟର ଘଟଣାଚକ୍ର ସମ୍ପର୍କରେ ବର୍ତ୍ତମାନରେ ଜୀବନ ବଞ୍ଚୁଥିବା ମନୁଷ୍ୟକୁ ଅବଗତ କରାଇବା ସହିତ ମାନବସଭ୍ୟତାକୁ ମାର୍ଗଦର୍ଶନ ଦେବାର କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଇତିହାସ ଅଧ୍ୟାପକ ଡ. ସୁଶାନ୍ତ କୁମାର ବାରିକ ଅତିଥି ପରିଚୟ, ଜିନା ପ୍ରିୟଙ୍କା ଜେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଇତିହାସ ଅଧ୍ୟାପିକା ଶିଖାଶ୍ରୀ ରୟ, ବିଭାଗର ଅନ୍ୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଆଲୋଚନାଚକ୍ରରେ ସହଯୋଗ କରିଥିଲେ।

# ତୃଷାର୍ତ୍ତ ପ୍ରାଣୀପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା


ଜଙ୍ଗଲରେ ଜଳ ବ୍ୟବସ୍ଥା କରାଯାଉଛି।

### ପ୍ରକୃତି ପ୍ରେମୀଙ୍କ ନିଆରା ପ୍ରୟାସ

ନୀଳଗିରି,୧୮।୪(ସ୍ୱ.ପ୍ର)

ପ୍ରକୃତି, ପ୍ରାଣୀପକ୍ଷୀ ଆଉ ମଣିଷ ମଧ୍ୟରେ ରହିଛି ନିବିଡ଼ ସମ୍ପର୍କ। ପରିବେଶର ଜାଗ୍ରତ ପ୍ରହରୀ ସାଜି ନୀଳଗିରିର କେତେଜଣ ପ୍ରକୃତିପ୍ରେମୀ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଆଖିଆଗରେ ରଖି ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ସଂରକ୍ଷଣ ଜଙ୍ଗଲରେ ପକ୍ଷୀ ଓ ସହରରେ ପ୍ରାଣୀମାନଙ୍କ ପାଇଁ ଜଳ ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ଦିନ ସେମାନେ ଏହି ଜଳପାତ୍ରରେ ଜଳ ମଧ୍ୟ ଭର୍ତ୍ତି କରୁଛନ୍ତି। ଫଳରେ ବହୁ ପ୍ରାଣୀପକ୍ଷୀ ଏଥିରେ ତୃଷା ମେଣ୍ଟାଉଥିବା ପରିଲକ୍ଷିତ ହୋଇଛି।

ନୀଳଗିରି ଅଞ୍ଚଳର ମହାବୀର ଫାଉଣ୍ଡେସନ ପକ୍ଷରୁ ପକ୍ଷୀମାନଙ୍କ ଉଦ୍ଦେଶ୍ୟରେ ଜଳଦାନ ଉଦ୍ଦେଶ୍ୟରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲର ୩୦ରୁ ଅଧିକ ସ୍ଥାନରେ ବ୍ୟବସ୍ଥା କରାଯାଇଛି। ଏଥିସହ ନୀଳଗିରି ବଜାରର ବିଭିନ୍ନ ସ୍ଥାନରେ ପ୍ରାଣୀମାନଙ୍କ ପାଇଁ ଜଳପାତ୍ର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ଏହି ଜଳପାତ୍ରରେ ଜଳ ମଧ୍ୟ ଭର୍ତ୍ତି କରାଯାଉଛି। ଏହି ଉଦ୍ୟମ ବଳରେ ନିରୀହ ପକ୍ଷୀଙ୍କ ଜୀବନ ବଞ୍ଚିବା ସହ ବନାଞ୍ଚଳବାସୀଙ୍କ ମଧ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା, ଦାୟିତ୍ୱବୋଧ ଓ ପ୍ରକୃତିକୁ ଅଧିକ ଭଲ ପାଇବା ସମ୍ବନ୍ଧୀୟ ବାର୍ତ୍ତା ସୃଷ୍ଟି କରିବ ବୋଲି ଉକ୍ତ ଫାଉଣ୍ଡେଶନ ପ୍ରତିଷ୍ଠାତା ବିଦ୍ୟାଧର ବାରିକ କହିଛନ୍ତି। ସେହିପରି ସଙ୍ଗଠନ ପକ୍ଷରୁ ନିସ୍ୱାର୍ଥପର ସେବା ସମାଜ ପାଇଁ ଜାରି ରହିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ମତ ରଖିଛନ୍ତି। ଏଭଳି ବିଭିନ୍ନ ସଚେତନତାର କାର୍ଯ୍ୟକ୍ରମ ସହ ସଙ୍ଗଠନ ପକ୍ଷରୁ ପୂର୍ବରୁ ନୀଳଗିରି ଅଞ୍ଚଳରେ ନିଆଁଦାଉରୁ ଜଙ୍ଗଲକୁ ରକ୍ଷା କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ବ୍ୟାନର ମାରି ପାଦଚଲା ଲୋକଙ୍କୁ ପ୍ରକୃତିକୁ ବଞ୍ଚାଇବାକୁ ନିବେଦନ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ବିଶ୍ୱସୁନ୍ଦର ବାରିକ, ସରୋଜ ବାରିକ, ଜୟନ୍ତ ଜୀ, ଦିଗମ୍ବର ବେହେରା, ପ୍ରଦୀପ ମଲିକ ଓ ପ୍ରମେୟଜ୍ୟୋତି ବେହେରା ପ୍ରମୁଖ ସାମିଲ ଥିଲେ।

# ଚାକିରି ନାଁରେ ଠକେଇ, ଯୁବତୀଙ୍କ ସମେତ ୨ ଅଟକ

ଭଦ୍ରକ ଅଫିସ, ୧୮।୪

ବିଭିନ୍ନ ବ୍ୟାଙ୍କରେ ଚାକିରି କରାଇଦେବାକୁ କହି ବେକାର ଯୁବତୀ ଯୁବକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଟଙ୍କା ଦିଅ ଚାକିରି ନିଅ, ସେଫ୍‌ଟି ଆଉ ସିକ୍ୟୁରିଟି ଦାୟିତ୍ୱ ଆମର। ତାହା ପୁଣି ବିଭିନ୍ନ ଜାତୀୟସ୍ତରର ବ୍ୟାଙ୍କରେ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଭଦ୍ରକ ସହର ଆରଡ଼ି ଛକ ନିକଟରେ ଅଫିସ ଖୋଲି ବେକାରୀମାନଙ୍କୁ ଫୋନ କଲ୍ କରି ଚାକିରୀ ଦେବା ନାଁରେ ଠକେଇ ଅଭିଯୋଗରେ ମଙ୍ଗଳବାର ଜଣେ ଯୁବତୀ କର୍ମଚାରୀଙ୍କ ସମେତ ୨ ଜଣଙ୍କୁ ଗ୍ରାମାଞ୍ଚଳ ପୋଲିସ ଥାନାକୁ ନେଇ ଅଟକ ରଖିଛି।

ପୋଲିସ ସୂଚନା ଅନୁଯାୟୀ, ତିହିଡ଼ି ଥାନା ଅଧୀନ ଗାଜିପୁର ଗ୍ରାମର ରଶ୍ମିରଞ୍ଜନ ବେହେରା ଅଭିଯୋଗ କରିଛନ୍ତି ଯେ, ଉକ୍ତ ଅଫିସରୁ ତାଙ୍କୁ ଫୋନ କଲ୍ କରି ଡାକିବା ପରେ ନାମ ପଞ୍ଜୀକରଣ ପାଇଁ ପ୍ରଥମେ ୩ଶହ ଟଙ୍କା ନେଇଥିଲେ। ପରେ ଚାକିରି ପାଇଁ ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଆଜିକାଲି କହି ସମୟ ଗଡ଼ାଇବାରୁ ସେ ତାଙ୍କ ଟଙ୍କା ଫେରସ୍ତ ମାଗିଥିଲେ। ମଙ୍ଗଳବାର ଟଙ୍କା ଫେରସ୍ତ ନେବା ପାଇଁ ଜିଦ୍ ଧରିବାରୁ ଅଫିସ୍‌ରେ ଥିବା ଯୁବତୀ କର୍ମଚାରୀ ଜଣକ ଟଙ୍କା ଦିଆଯିବ ନାହିଁ ମନା କରିବା ସହ ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ସେହିପରି ଗ୍ରାମାଞ୍ଚଳ ଥାନା ଅଧୀନ ଚଢ଼େୟା ଗ୍ରାମର ଓମ୍‌କାର ଜେନା ସମାନ ଠକାମିର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଉକ୍ତ କାର୍ଯ୍ୟାଳୟରେ ତାଲା ଝୁଲାଇବା ସହ ୨ କର୍ମଚାରୀଙ୍କୁ ଥାନାକୁ ନେଇଥିଲା। ସଂସ୍ଥାର ମୁଖ୍ୟ ଭୁବନେଶ୍ୱରରୁ ଏହି କାର୍ଯ୍ୟାଳୟକୁ ପରିଚାଳନା କରୁଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠରେ ରାଜ୍ୟ ଅତିରିକ୍ତ ସଂସ୍କୃତି କମିଶନର

# ସୁଆଣ୍ଡୋ ପରି ମୁଣ୍ଡୁତୁଣିଆର ହେବ ବିକାଶ

### ଡିପିଆର ଲାଗି ଗଠିତ ହେଲା ଟିମ୍

ଜଳେଶ୍ୱର, ୧୮।୪(ଡି.ଏନ.ଏ.)


ମୁଣ୍ଡୁତୁଣିଆର ବିକାଶ ଲାଗି ଅନୁଷ୍ଠିତ ବୈଠକ।

ରାଜ୍ୟ ଅତିରିକ୍ତ ସଂସ୍କୃତି କମିଶନର ତଥା ରାଜସ୍ୱ ସଚିବ ସତ୍ୟବ୍ରତ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠ ସୁବର୍ଣ୍ଣରେଖା ନଦୀକୂଳ ମୁଣ୍ଡୁତୁଣିଆ ଗାଁରେ ପହଞ୍ଚି ଏହି ରୀତିଯୁଗୀୟ କବିଙ୍କ ଜନ୍ମପୀଠର ବିକାଶ ଘଟି ନ ଥିବା ଦେଖି ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭିନ୍ନ ସ୍ଥାନ ବୁଲି ଆଧୁନିକ ଶୈଳୀରେ ଏହାର ବିକାଶ କରାଯିବାକୁ ଏକ ଡିପିଆର ପ୍ରସ୍ତୁତ ଲାଗି କମିଟି ଗଠନ କରାଯିବ ବୋଲି ସୂଚନା ଦେଇଥିଲେ। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦୀନକୃଷ୍ଣଙ୍କ ଜନ୍ମପୀଠ ମୁଣ୍ଡୁତୁଣିଆକୁ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଭଳି ବିକାଶ କରାଯିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସୂଚନା ଦେଇଥିଲେ।

ଉକ୍ତ ସ୍ଥାନରେ କବିଙ୍କର ପ୍ରତିମୂର୍ତ୍ତି ଅତ୍ୟାଧୁନିକ ଶୈଳୀରେ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେଠାରେ ସଂଗ୍ରହାଳୟ, ପାଠାଗାର, ନିକଟସ୍ଥ ପୋଖରୀରେ ବୋଟିଂ ବ୍ୟବସ୍ଥା ଓ ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟକରଣ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି। ସେମାନଙ୍କ ସହିତ ସଂସ୍କୃତିବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ, ବିଡିଓ ପୁନମ ରାଉତ, ତହସିଲଦାର ରଞ୍ଜନ ବେହେରା, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୂର୍ବତନ ସରପଞ୍ଚ କ୍ଷୀତଶ ଦେ ଓ ନିକଟସ୍ଥ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ପଛୁଆବର୍ଗ ଲୋକଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତି ସର୍ଭେ ପାଇଁ ତାଲିମ

ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ (ସ୍ୱ.ପ୍ର.),୧୮।୪

ପଛୁଆବର୍ଗ ଲୋକଙ୍କ ସାମାଜିକ ଏବଂ ଶିକ୍ଷାଗତ ସ୍ଥିତିର ସର୍ଭେ ପାଇଁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକ ଓ ପୌରାଞ୍ଚଳ ସ୍ତରରେ ତାଲିମ ପ୍ରଦାନ କରାଯାଇଛି। ପୂର୍ବରୁ ଗତ ୪ ତାରିଖରେ ଜିଲାସ୍ତରୀୟ ଓ ପରେ ୬ ତାରିଖରେ ଜିଲାର ସମସ୍ତ ବ୍ଲକ ଓ ପୌର ସ୍ତରରେ ପ୍ରଥମ ପର୍ଯ୍ୟାୟରେ ତାଲିମ ଦିଆଯାଇଥିଲା। ଆସନ୍ତା ମେ' ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଏହି ସର୍ଭେ କରାଯିବ। ମେ' ୨୧ ରୁ ୨୭ ଯାଏ ଏହି କାର୍ଯ୍ୟ ଲାଗି ସ୍ପେଶାଲ ଡ୍ରାଇଭ କରାଯିବ। ଭଦ୍ରକ ଜିଲା ପାଇଁ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ ମଙ୍ଗଳବାର ଭଣ୍ଡାରିପୋଖରୀ ବ୍ଲକ, ଧାମନଗର ବ୍ଲକ ଓ ଏନ୍‌ଏସିରେ ଯୋଗଦେଇ ପର୍ଯ୍ୟବେକ୍ଷଣ କରିଥିଲେ। ଅତିରିକ୍ତ ଜିଲାପାଳ ରାମଦାସ ଟୁଡ୍ଡୁ, ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କୁ ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲିଟିରେ ପର୍ଯ୍ୟବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳ ଓ ପୌରାଞ୍ଚଳର ଅଙ୍ଗନୱାଡି କର୍ମୀ, ପୌରାଞ୍ଚଳର ଟ୍ୟାକ୍ସ କଲେକ୍ଟର, ୱାର୍ଡ ଅଫିସରମାନେ ପ୍ରଶିକ୍ଷାର୍ଥୀ ଭାବେ ଏହି ତାଲିମ ନେଇଛନ୍ତି। ପ୍ରକାଶଯୋଗ୍ୟ, ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ବା ଯେକୌଣସି ସରକାରୀ ଅନୁଷ୍ଠାନରେ ସର୍ଭେ ସେଣ୍ଟର ଖୋଲାଯିବ।


ସର୍ଭେ ପାଇଁ ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀମାନେ।

### ୨୪ରେ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ଘେରାଉ କରିବ ଭଞ୍ଜସେନା

ବାରିପଦା ଅଫିସ,୧୮।୪

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରାଜ ଉଆସରେ ପରିଚାଳିତ ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ ଏବେ ଅସୁରକ୍ଷିତ ଓ ଅବହେଳିତ ହୋଇପଡ଼ିଛି। ବାହାରକୁ ସୁନ୍ଦର ଦିଶୁଥିବା ମହାବିଦ୍ୟାଳୟଟିରେ ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟ ସମ୍ପନ୍ନ ଏହି କୋଠାର ବିପଦସଙ୍କୁଳ ଛାତ ତଳେ ଛାତ୍ରୀଛାତ୍ରମାନେ ବସି ପାଠପଢୁଛନ୍ତି। ଏହାର ସୁରକ୍ଷା ଓ ରକ୍ଷାବେକ୍ଷଣ ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଅଧିକାରୀମାନେ ନିର୍ବିକାର ସାଜିଛନ୍ତି। ଫଳରେ ରାଜପ୍ରାସାଦ ଧ୍ୱଂସାଭିମୁଖୀ ହେବାକୁ ବସିଥିବା ବେଳେ ଭଞ୍ଜସେନା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆସନ୍ତା ୨୪ରେ ସେନାର କର୍ମକର୍ତ୍ତାମାନେ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ସମେତ ଜିଲାବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପ୍ରକାଶ କରିଛନ୍ତି।

# କାର୍ଯ୍ୟକ୍ଷମ ହେଉନି ବସୁଧା ପାନୀୟ ଜଳ ବ୍ୟବସ୍ଥା

### ବିଡିଓଙ୍କୁ ଦାବିପତ୍ର



ମୋରଡ଼ା,୧୮।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡିଗାଁ ପଞ୍ଚାୟତର ଫୁଲବାଡ଼ିଆ ଗ୍ରାମରେ ନିର୍ମାଣ ହୋଇଥିବା ବସୁଧା ଯୋଜନା ପାନୀୟଜଳ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ସାଗର ପାଲୋଙ୍କୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ମେସିନ ସାହି, ପାନି ସାହି, ଉପର ସାହି, ଜଜ ସାହି, ଗଡିଗାଁ ସାହି, ସ୍କୁଲ ସାହିରେ ପିଇବା ପାଣି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରା ନ ଗଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଗୁରୁଚରଣ ମହାନ୍ତ, ରବୀନ୍ଦ୍ର ମହାନ୍ତ, ହେମେନ୍ଦ୍ର ମହାନ୍ତ, ପ୍ରମୋଦ ମହାନ୍ତ ଏବଂ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

# ଜବରଦଖଲକାରୀଙ୍କୁ ପୌର ପ୍ରଶାସନର ନୋଟିସ

କେନ୍ଦୁଝର,୧୮।୪(ସ୍ୱ.ପ୍ର.)

କେନ୍ଦୁଝର ପୌରାଞ୍ଚଳରେ ଗତ କିଛି ଦିନ ଧରି ପୌରପ୍ରଶାସନ ପକ୍ଷରୁ ସରକାରୀ ଜମି ଜବରଦଖଲ ଚିହ୍ନଟ ନେଇ ନିଆଯାଇଥିବା ପଦକ୍ଷେପ ପରେ ମଙ୍ଗଳବାର ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଛି। ସମୁଦାୟ ୯୦ ଜଣଙ୍କୁ ଏଭଳି ନୋଟିସ ଦିଆଯାଇଛି। ବିଶେଷ କରି ସରକାରୀ ଜମିରେ ବ୍ୟବସାୟିକ ପ୍ରତିଷ୍ଠାନ, ଫୁଟପାଥ ଅବରୋଧ ଏବଂ ପ୍ଲାନ ଉଲ୍ଲଙ୍ଘନ କରି ବ୍ୟବସାୟିକ ଗୃହ ନିର୍ମାଣ ବାବଦରେ ଏହି ନୋଟିସ ଦିଆଯାଇଛି। ନିର୍ବାହୀଅଧିକାରୀ ଦାୟିତ୍ୱରେ ଥିବା ଧିମନ ଚକମା(ଆଇଏଏସ୍)ଙ୍କ ତତ୍ତ୍ୱାବଧାନରେ ଏଭଳି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏଭଳି କାର୍ଯ୍ୟାନୁଷ୍ଠାନକୁ ସହରବାସୀ ସ୍ୱାଗତ କରିଥିବାବେଳେ ଜବଦଖଲକାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଗତ କିଛି ବର୍ଷ ହେବ କେନ୍ଦୁଝର ପୌରାଞ୍ଚଳରେ ସରକାରୀ ଜମି ଜବରଦଖଲ କରି ବ୍ୟବସାୟିକ ଘର ନିର୍ମାଣ ହୋଇ ଆସୁଥିବା ଅଭିଯୋଗ ହୋଇଆସୁଥିଲା। କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ଉକ୍ରଟ ରୂପ ନେଇଛି। ବିଶେଷ କରି ସିରାଜୁଦ୍ଦିନ ଛକଠାରୁ ଧରଣୀଭୂୟାଁ ଛକ, ଗାନ୍ଧୀ ଛକଠାରୁ ମହିଳା ମହାବିଦ୍ୟାଳୟ ଏବଂ ଲାବଣ୍ୟ ଛକଠାରୁ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାକୁ ଲାଗି ବହୁ ସଂଖ୍ୟାରେ ବ୍ୟବସାୟିକ କୋଠା ଘର ନିର୍ମାଣ ହୋଇଛି। ଫଳରେ ଉକ୍ତ ଦୋକାନ ବଜାରକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ୨ ଚକିଆ ଏବଂ ୪ ଚକିଆ ଗାଡ଼ି ରଖୁଛନ୍ତି। ଶତାଧିକ ଗାଡ଼ି ରାସ୍ତାରେ ରହୁଥିବାରୁ ରାସ୍ତା ସଙ୍କୁଚିତ ହୋଇ ଦୈନନ୍ଦିନ ଯାତାୟତରେ ସମସ୍ୟା ଦେଖାଦେଉଛି। ପାର୍କିଂ ବ୍ୟବସ୍ଥା ନ ଥାଇ ରାସ୍ତାକୁ ଲାଗି ବ୍ୟବସାୟିକ ଘର ଅବାଧରେ ନିର୍ମାଣ ହେଉଛି। ପୂର୍ବରୁ ପୌରପାଳିକାର କେତେଜଣ ଅସାଧୁ କର୍ମଚାରୀ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଆସୁଥିଲେ। ଏହି ନୋଟିସ ପାଇବାର ୩ ଦିନ ମଧ୍ୟରେ ସନ୍ତୋଷ ଜନକ ଉତ୍ତର ନ ମିଳିଲେ ପୌରପାଳିକା ପକ୍ଷରୁ ପୌର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ବେଆଇନ କାମକୁ ପ୍ରୋତ୍ସାହିତ କରିଥିବା କର୍ମଚାରୀଙ୍କ ବିରୋଧରେ ମଧ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଆଗାମୀ ଦିନରେ ଏଭଳି ସମସ୍ୟା ଉପୁଜିବ ନାହିଁ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି।

